# NATIONAL NEWS BULLETIN (ODIA)

## 25th June - 2025

## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

● କ୍ୟାବିନେଟ୍‌ରେ ଅନୁମୋଦିତ ହେଲା ଦ୍ୱିତୀୟ ପର୍ଯ୍ୟାୟ ପୁନେ ମେଟ୍ରୋ ରେଳ ପ୍ରକଳ୍ପ ସମ୍ପ୍ରସାରଣ କାର୍ଯ୍ୟ ।

— ଗୃହିତ ହେଲା ମହାକାଶ ମିଶନ ଏକ୍‌ଜିଅମ୍‌-୪ର ସଫଳ ଉତ୍‌କ୍ଷେପଣ ସଂକ୍ରାନ୍ତ ଏକ ପ୍ରସ୍ତାବ ।

● ଭାରତର ଅର୍ଥନୈତିକ ସ୍ଥିତି ସ୍ଥିର ରହିଛି ବୋଲି ରିଜର୍ଭ ବ୍ୟାଙ୍କ୍‌ର ସୂଚନା ।

● ଜରୁରୀକାଳୀନ ବିରୋଧୀ ଆନ୍ଦୋଳନ ସମସ୍ତଙ୍କୁ ଉଚିତ ଅଭିଜ୍ଞତା ପ୍ରଦାନ କରିଛି; କହିଲେ ପ୍ରଧାନମନ୍ତ୍ରୀ ।

— The Emergency Diaries : Years that Forged a Leader ପୁସ୍ତକ ଉନ୍ମୋଚନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

ଏବଂ

- ପୁରୁଷ ହକି ଇଣ୍ଡିଆ ମାଷ୍ଟର୍ସ କପ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଓଡ଼ିଶାକୁ ପରାସ୍ତ କଲା ମହାରାଷ୍ଟ୍ର ।

## କ୍ୟାବିନେଟ୍ - ବ୍ରିଫିଙ୍ଗ୍

କେନ୍ଦ୍ର ସରକାର ୩ ହଜାର ୬୨୬ କୋଟି ଟଙ୍କା ମୂଲ୍ୟର ଦ୍ୱିତୀୟ ପର୍ଯ୍ୟାୟ ପୁନେ ମେଟ୍ରୋ ରେଳ ପ୍ରକଳ୍ପ ସମ୍ପ୍ରସାରଣ କାର୍ଯ୍ୟପାଇଁ ନିଷ୍ପତ୍ତି ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୧୩ଟି ଷ୍ଟେସନ୍‌ରେ ନୂତନ ମେଟ୍ରୋ ଲାଇନ୍ କରାଯିବା ସହ ଅତିରିକ୍ତ ୧୨ ଦଶମିକ ୭/୫ କିଲୋମିଟର ଲାଇନ୍ ସମ୍ପ୍ରସାରଣ କରାଯିବ । ସେ କହିଛନ୍ତି, ପୁନେ ମେଟ୍ରୋ ରେଳ ପ୍ରକଳ୍ପ ଦ୍ୱାରା ସାଧାରଣ ପରିବହନ ବ୍ୟବସ୍ଥା ସୁଦୃଢ଼ ହେବା ସହ ବାଣିଜ୍ୟିକ କାରବାର, ଶିକ୍ଷାନୁଷ୍ଠାନ ଏବଂ ଆବାସିକ ଅଞ୍ଚଳରେ ଜନସାଧାରଣଙ୍କ ପାଇଁ ଯାତାୟତପାଇଁ ଏହା ସୁଗମ ହୋଇପାରିବ ।

***Voice (Ashwini-1)*** :..........

ଶ୍ରୀ ବୈଷ୍ଣବ କହିଛନ୍ତି, ଝାଡ଼ଖଣ୍ଡସ୍ଥିତି ଝରିଆ କୋଇଲା ଉତ୍ପାଦନ କେନ୍ଦ୍ରର ପୁନଃ ଥଇଥାନ ନିମନ୍ତେ ସଂଶୋଧିତ ମାଷ୍ଟର ପ୍ଲାନ୍‌କୁ ମଧ୍ୟ ସରକାର ସମ୍ମତି ପ୍ରଦାନ କରିଛନ୍ତି । ସଂଶୋଧିତ ମାଷ୍ଟର ପ୍ଲାନ କାର୍ଯ୍ୟକାରୀଦ୍ୱାରା ଝରିଆ କୋଇଲା ଉତ୍ପାଦନ କେନ୍ଦ୍ର ଅଞ୍ଚଳର ଲୋକମାନଙ୍କୁ ପୁନଃ ଥଇଥାନ କରାଯିବା ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ୫ ହଜାର ୯୪୦ କୋଟି ଟଙ୍କା ବ୍ୟୟରେ ଏହି ସଂଶୋଧିତ ମାଷ୍ଟର ପ୍ଲାନ୍ କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

ସେହିପରି ଉତ୍ତର ପ୍ରଦେଶର ଆଗ୍ରାଠାରେ ଆନ୍ତର୍ଜାତିକ ଦକ୍ଷିଣ ଏସୀୟ ଆଞ୍ଚଳିକ ଆଳୁ କେନ୍ଦ୍ରର ସ୍ଥାପନ ପାଇଁ ମଧ୍ୟ ପ୍ରସ୍ତାବକୁ ସରକାର ଅନୁମୋଦନ କରିଥିବା ଶ୍ରୀ ବୈଷ୍ଣବ କହିଛନ୍ତି । ଆଳୁ ଏବଂ କନ୍ଦମୂଳ ଉତ୍ପାଦନ ବୃଦ୍ଧିଦ୍ୱାରା ପୁଷ୍ଟି ଓ ଖାଦ୍ୟ ସୁରକ୍ଷା, କୃଷକଙ୍କ ଆୟ ଏବଂ କର୍ମନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି ।

କ୍ୟାବିନେଟ୍ ବୈଠକରେ ଦେଶରେ ଜାରି ହୋଇଥିବା ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ପୂର୍ତ୍ତି ଅବସରରେ ଏକ ପ୍ରସ୍ତାବ ଗୃହିତ ହୋଇଛି । ଜରୁରୀକାଳୀନ ପରିସ୍ଥିତି ସମୟରେ ଅଗଣିତ ବ୍ୟକ୍ତିଙ୍କ ତ୍ୟାଗକୁ ସମ୍ମାନ ଜଣାଇ ସରକାର ଏହି ଦିବସ ପାଳନ କରୁଛନ୍ତି । କ୍ୟାବିନେଟ୍ ବୈଠକରେ ସେମାନଙ୍କ ପ୍ରତି ସମ୍ମାନ ଜଣାଇ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

ମହାକାଶ ମିଶନ ଏକ୍‌ଜିଅମ୍-୪ର ସଫଳ ଉତ୍କ୍ଷେପଣ ନେଇ ଏକ ପ୍ରସ୍ତାବ ମଧ୍ୟ କ୍ୟାବିନେଟ୍‌ରେ ଗୃହିତ ହୋଇଥିବା ମନ୍ତ୍ରୀ ଶ୍ରୀ ବୈଷ୍ଣବ

କହିଛନ୍ତି । କ୍ୟାବିନେଟ୍ ବୈଠକରେ ଭାରତ, ହଙ୍ଗେରୀ, ପୋଲାଣ୍ଡ ଏବଂ ଆମେରିକାର ମହାକାଶଚାରୀଙ୍କୁ ନେଇ ଆକ୍‌ଜିଅମ୍-୪ର ଯାତ୍ରାକୁ ସ୍ୱାଗତ କରାଯାଇଥିଲା ।

## ଏକ୍‌ଜିଅମ ଲଞ୍ଚ୍

ଏକ୍ସିଓମ୍ ଫୋର୍ ମିଶନ୍ ମହାକାଶ ଯାନ ଆଜି ଭାରତୀୟ ସମୟ ଅପରାହ୍ଣ ୧୨ଟା ୧ ମିନିଟ୍‌ରେ ଆମେରିକାର ଫ୍ଲୋରିଡ଼ା ସ୍ଥିତ କେନେଡି ମହାକାଶ କେନ୍ଦ୍ରରୁ ସଫଳତାର ସହ ଉତ୍କ୍ଷେପଣ କରାଯାଇଛି । ମହାକାଶଯାନରେ ଭାରତ ପକ୍ଷରୁ ଯାତ୍ରା କରିଥିବା ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଳା ମହାକାଶରୁ ଏକ ବାର୍ତ୍ତା ଦେଇ କହିଛନ୍ତି, ଏହା ଏକ ଆଶ୍ଚର୍ଯ୍ୟଜନକ ଯାତ୍ରା । ସେ ଆହୁରି କହିଛନ୍ତି, ସେମାନେ ୪୧ ବର୍ଷ ପରେ ପୁଣିଥରେ ମହାକାଶକୁ ଫେରିଆସିଛନ୍ତି ଓ ପ୍ରତି ସେକେଣ୍ଡ୍‌ରେ ୭ ଦଶମିକ ୫ କିଲୋମିଟର ବେଗରେ ପୃଥିବୀ ଚାରିପଟରେ ଘୂରିବୁଲୁଛନ୍ତି । ଶୁକ୍ଳା କହିଛନ୍ତି, ଦେଶର ତ୍ରିରଙ୍ଗାକୁ ଗର୍ବର ସହିତ ସେ କାନ୍ଧରେ ରଖିଛନ୍ତି ଏବଂ ଏହାଦ୍ୱାରା ସେ ପ୍ରତ୍ୟେକ ଭାରତୀୟଙ୍କ ଉପସ୍ଥିତି ଅନୁଭବ କରୁଛନ୍ତି । ଏହି ମିଶନ କେବଳ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାତ୍ରା ନୁହେଁ, ଏହା ଭାରତର ମାନବ ମହାକାଶ କାର୍ଯ୍ୟକ୍ରମର ଅୟମାରମ୍ଭ । ଦେଶବାସୀଙ୍କୁ ଏହାର ଅଂଶ

ହେବାକୁ ସେ ନିମନ୍ତ୍ରଣ କରିଛନ୍ତି । ଏଥିସହିତ 'ଜୟହିନ୍ଦ୍ ଓ ଜୟ ଭାରତ' ସ୍ଲୋଗାନ୍ ଦେବାପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

***Voice (Subhanshu)*** :...........

## ଆର୍.ବି.ଆଇ. - ଇକୋନୋମି

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ କୁହାଯାଇଛି, ବିଶ୍ୱରେ ଅର୍ଥନୈତିକ, ବାଣିଜ୍ୟିକ ଏବଂ ଭୂ-ରାଜନୈତିକ ସ୍ଥିତିର ଅନିଶ୍ଚିତତା ସତ୍ତ୍ୱେ ଭାରତର ଅର୍ଥନୀତି ସ୍ଥିର ରହିଛି । ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ଜୁନ୍ ବୁଲେଟିନ୍‌ରେ 'ଷ୍ଟେଟ୍ ଅଫ୍ ଇକୋନୋମି' ଶୀର୍ଷକ ଅନୁଶୀଳନରେ ଏହା ପ୍ରକାଶ କରାଯାଇଛି । ବିଶ୍ୱରେ ଦେଖାଦେଇଥିବା ଅର୍ଥନୈତିକ ଅନିଶ୍ଚିତତା ସତ୍ତ୍ୱେ ୨୦୨୫ ମଇ ମାସରେ ଭାରତର ଶିଳ୍ପ ଏବଂ ସେବା କ୍ଷେତ୍ରରେ ଅର୍ଥନୈତିକ କାରବାର ବୃଦ୍ଧି ପାଇଛି ବୋଲି ଦର୍ଶାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ବିଶ୍ୱର ବୃହତ୍ ୪ଟି ଅର୍ଥନୈତିକ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତର ଅର୍ଥନୀତି ସ୍ଥାନ ପାଇଛି ବୋଲି ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ କୁହାଯାଇଛି ।

## ସମ୍ବିଧାନ ହତ୍ୟା ଦିବସ

ସମଗ୍ର ଦେଶରେ ଆଜି ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଉଛି । ୧୯୭୫ ମସିହା ଜୁନ ୨୫ ତାରିଖରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବାଦ୍ୱାରା ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସ୍ମରଣ କରି ଏହି ଦିବସ ପାଳନ କରାଯାଉଛି । ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ରିପୋର୍ଟ :

*ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ଏହି ଅବସରରେ ନୂଆଦିଲ୍ଲୀରେ 'The Emergency Diaries : Years that Forged a Leader' ନାମକ ଏକ ପୁସ୍ତକର ଉନ୍ମୋଚନ କରିଛନ୍ତି । ଏହି ପୁସ୍ତକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜରୁରୀକାଳୀନ ପରିସ୍ଥିତି ବିରୋଧୀ ସଂଗ୍ରାମ ଦିଗରେ ରହିଥିବା ତାଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଛି । ଗଣତନ୍ତ୍ରର ନୀତି ଏବଂ ନୈତିକତା ରକ୍ଷା କରିବାପାଇଁ ଶ୍ରୀ ମୋଦି ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ୍ୟ ଏଥିରେ ସ୍ଥାନିତ କରାଯାଇଛି । ଗଣତନ୍ତ୍ରର ସୁରକ୍ଷା ଏବଂ ଏହାକୁ ପ୍ରୋତ୍ସାହନ ଯୋଗାଇ ଦେବାଲାଗି ସେ ଆଜୀବନ କାର୍ଯ୍ୟ କରିଥିବା ସମ୍ପର୍କରେ ମଧ୍ୟ ଉଲ୍ଲେଖ ରହିଛି ।*

*ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପୁସ୍ତକରେ ତାଙ୍କର ଜରୁରୀକାଳୀନ ଯାତ୍ରା ଉପରେ ଆଲୋକପାତ କରାଯାଇଛି । ଦେଶରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତି ସମୟରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜଣେ ଯୁବପ୍ରଚାରକ ଥିଲେ ବୋଲି ଶ୍ରୀ ମୋଦି ଉଲ୍ଲେଖ କରିଛନ୍ତି । ଜରୁରୀକାଳୀନ ବିରୋଧୀ ଆନ୍ଦୋଳନ ତାଙ୍କୁ ଉଚିତ ଅଭିଜ୍ଞତା ପ୍ରଦାନ କରିଥିବା ବୋଲି କହିଛନ୍ତି । ଭାରତର*

ଗଣତାନ୍ତ୍ରିକ ମୂଲ୍ୟବୋଧକୁ ରକ୍ଷା କରିବା ଲାଗି ଦୃଢ଼ ପ୍ରତିବଦ୍ଧତାକୁ ଏହି ପୁସ୍ତକରେ ଦୋହରାଯାଇଛି । ଜରୁରୀକାଳୀନ ପରିସ୍ଥିତିର କଳାଦିବସଗୁଡ଼ିକୁ ଶ୍ରୀ ମୋଦି ସ୍ମରଣ କରିବା ସହ ଏଥିରେ ପ୍ରଭାବିତ ହୋଇଥିବା ପରିବାରଗୁଡ଼ିକ ତାଙ୍କର ଅଭିଜ୍ଞତାକୁ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିବାକୁ ଶ୍ରୀ ମୋଦି ସେମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏହା ୧୯୭୫ ମସିହାରୁ ୧୯୭୭ ମସିହା ପର୍ଯ୍ୟନ୍ତ ଦେଶରେ ସୃଷ୍ଟି ହୋଇଥିବା ଲଜ୍ଜାଜନକ ପରିସ୍ଥିତି ସମ୍ପର୍କରେ ଯୁବବର୍ଗଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

କ୍ୟାବିନେଟ୍ ବୈଠକରେ ଦେଶରେ ଜାରି ହୋଇଥିବା ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ପୂର୍ତ୍ତି ଅବସରରେ ଆଜି ଏକ ପ୍ରସ୍ତାବ ମଧ୍ୟ ଗୃହିତ ହୋଇଛି ।

ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍' ଦେଶରେ ୧୯୭୫ ମସିହା ଆଜିର ଦିନରେ  ଜାରି ହୋଇଥିବା ଜରୁରୀକାଳୀନ ପରିସ୍ଥିତି ଭାରତୀୟ ଗଣତନ୍ତ୍ରପାଇଁ ସବୁଠାରୁ କଳା ଦିବସ ଥିଲା । ଏହାର ଆଉ କେବେବି ପୁନରାବୃତ୍ତି ନ ହେବାଲାଗି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ଏହି ଅବସରରେ ମୁମ୍ବାଇ ରାଜଭଭନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିବା ଗଣତନ୍ତ୍ରର ହତ୍ୟା ସ୍ୱରୂପ ବୋଲି କହିଛନ୍ତି ।

*ଏହି ଅବସରରେ ଗୋଆ ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରମୋଦ ସାୱନ୍ତ କହିଛନ୍ତି, ଆଜିର ଯୁବବର୍ଗ ନିଶ୍ଚିତ ରୂପେ ଭାରତର ଗଣତାନ୍ତ୍ରିକ ଇତିହାସର ଏହି କଳା ଅଧ୍ୟାୟ ସମ୍ପର୍କରେ ସଚେତନ ହେବା ଜରୁରୀ ।*

*ପଞ୍ଜାବ ରାଜଧାନୀ ଚଣ୍ଡୀଗଡ଼ଠାରେ ମଧ୍ୟ ରାଜ୍ୟସ୍ତରୀୟ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଇଛି । ଦେଶର ବିଭିନ୍ନ ସ୍ଥାନରେ ଆଜି ଏହି ଦିବସ ପାଳିତ ହୋଇଥିବା ଖବର ଆମର ହସ୍ତଗତ ହୋଇଛି ।*

*ଆକାଶବାଣୀ ସମାଚାର ପକ୍ଷରୁ ମୁଁ ଆଦିତ୍ୟ ନାରାୟଣ ଦାଶ ।*

## ହକି ଇଣ୍ଡିଆ

ପୁରୁଷ ହକି ଇଣ୍ଡିଆ ମାଷ୍ଟର୍ସ କପ୍ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ମହାରାଷ୍ଟ୍ର' ଓଡ଼ିଶାକୁ ୪-୧ ଗୋଲ୍‌ରେ ପରାସ୍ତ କରିଛି । ପୂର୍ବରୁ ତାମିଲ୍‌ନାଡୁ ଚଣ୍ଡୀଗଡ଼ ଦଳରୁ ୩-୦ ଗୋଲ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା ।

ଗତକାଲି ଖେଳାଯାଇଥିବା କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ପଞ୍ଜାବ' ମହାରାଷ୍ଟ୍ରକୁ ୧୩-୦ ଗୋଲ୍‌ରେ ପରାସ୍ତ କରିଥିବାବେଳେ ହିମାଚଳ ପ୍ରଦେଶ' ହରିୟାଣାକୁ ୮-୦ ଗୋଲ୍‌ରେ ପରାସ୍ତ କରିଥିଲା । ସେହିପରି ଓଡ଼ିଶା କେରଳକୁ ୧୦-୦ ଗୋଲ୍‌ରେ ପରାସ୍ତ କରି ବିଜୟୀ ହୋଇଥିଲା ।

*****